# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
## କପା ଚାଷ ପାଇଁ VIII(ଅଷ୍ଟମ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ଜୁଲାଇ | | | | | ଅଗଷ୍ଟ | | | | |
| | | 26 | 27 | 28 | 29 | 30 | 01 | 02 | 03 | 04 | 05 |
|  | କୋରାପୁଟ | 57.7 | 60 | 7.8 | 1 | 1 | 10 | 15 | 15 | 10 | 5 |
| | କଳାହାଣ୍ଡି | 1 | 1 | 62.2 | 0 | 1 | 10 | 15 | 20 | 15 | 5 |
| | ବଲାଙ୍ଗିର | 6 | 31 | 3.1 | 4.7 | 10.3 | 10 | 15 | 7 | 10 | 10 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

ଏବେ କପା ଫସଲ 21-31 ଦିନ ଅବସ୍ଥାରେ ଅଛି । ଗତ ସପ୍ତାହରେ ମେଘୁଆ ପାଗ ସହିତ ବର୍ଷା ଲାଗି ରହିଥିଲା ।ଆଗୁଆ ଲଗା ଯାଇଥିବା କପରେ ଘାସ ବାଛିବା, କୋଡା ଖୋସା କରି ଦ୍ୱିତୀୟ ଥର ସାର ପ୍ରୟୋଗ କରିବା ଓ ହୁଡା ଦେବା କମ ଚାଲିଛି। ଏହା ସହିତ ସବୁଜ ଖତ ହିସାବରେ ବୁଣା ଯାଇଥିବା ଛଣି ଫସଲ କୁ ମାଟିରେ ମିଶାଇବା କାମ ଚାଲିଛି। କପା ଜମିରେ ପ୍ରାୟ ସବୁ ପ୍ରକାର ଘାସ ଯଥା ସରୁ ପତ୍ର, ବଡ ପତ୍ର ଏବଂ ମୁଥା ଜାତୀୟ ଘାସ ବାହାରିଛି କିନ୍ତୁ ପେଣ୍ଡିମେଥାଲୀନ ଘାସ ମରା ଔଷଧ ପ୍ରୟୋଗ କରାଯାଇଥିବାରୁ ଏହା ନିୟନ୍ତ୍ରଣରେ ଅଛି। କେତକ ସ୍ଥାନରୁ ଜଉ ପୋକ ଲାଗିଥିବାର ଖବର ମିଳୁଛି। କଳାହାଣ୍ଡି , ନୂଆପଡା ଓ ବଲାଙ୍ଗୀର ଜିଲ୍ଲାର କେତେକ ସ୍ଥାନରୁ ଝଉଂଳା ରୋଗ ଲାଗିଥିବାର ସୂଚନା ମିଳିଛି।

ପରାମର୍ଶ:

ଲଘୁଚାପ ଜନିତ ଲଗାଣ ବର୍ଷା ହେଉଥିବାରୁ ଜମିରୁ ଜଳ ନିଷ୍କାସନ କରିବାକୁ ପରାମର୍ଶ ଦିଆଯାଉଛି। ଜମିରୁ ଘାସ ବାଛି କୋଡ ଖୋସା କାମ କରନ୍ତୁ । କପା ଗଛ 25-30 ଦିନର ହୋଇ ଗଲେ ହୁଡା ସାର ହିସାବରେ 50 % ଯାବକ୍ଷାରଜନ ଓ 50% ପଟାଶ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ଲଗାଇବା ସମୟରେ ଅନୁସାର ପ୍ରୟୋଗ କରି ନ ଥିଲେ ହୁଡା ଦେବା ସମୟରେ ହେକ୍ଟର ପ୍ରତି 25 କେଜି ଜିଙ୍କ ସଲ୍ଫେଟ ଓ 5 କେଜି ବୋରୋନ ପ୍ରୟୋଗ କରନ୍ତୁ। ଅଧିକ ବର୍ଷା ଯୋଗୁଁ କୋଡା ଖୋସା ଓ ଘାସ ବଛା କାମ ହୋଇ ନ ପାରିଲେ ଘାସ ମରା ଔଷଧ ପ୍ରୟୋଗ କରନ୍ତୁ। ଏଥି ପାଇଁ ହେକ୍ଟର ପିଛା 1 ଲିଟର କୁଇଜଲୋଫୋପ ଇଥାଇଲ 5% ସହିତ 750 ମିଲି ପାଇରୋଥାଇବାକ ସୋଡିୟମ 10% ଅଉଷଧକୁ 500 ଲିଟର ପାଣିରେ ମିଶାଇ କପା ଲଗା ହେବାର 20-25 ଦିନ ପରେ ସିଂଚନ କରନ୍ତୁ। ପୋକ ଓ ରୋଗର ସ୍ଥିତି ଜାଣିବା ପାଇଁ ନିୟମିତ ଭାବରେ ସର୍ବେକ୍ଷଣ କରନ୍ତୁ। ଶୁଖିଲା ପାଗ ପରେ ଲଗାଣ ବର୍ଷା ପାଇଁ ହଠାତ ଝଉଂଳା ରୋଗ ଦେଖା ଦେଲେ ଏହାର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ 10 ଗ୍ରାମ (10 ପିପିଏମ) କୋବାଲ୍ଟ କ୍ଲୋରଇଡ ଔଷଧ କୁ ଆକ୍ରାନ୍ତ ହୋଇଥିବା ଗଛ ଉପରେ ପ୍ରୟୋଗ କରନ୍ତୁ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନ ଆପ )CICR Cotton App ଯାହାକି ଆଇସିଏଆରସିଆଇସିଆର-, ନାଗପୁର ଦ୍ୱାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ । ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ ରେ ଅପଲୋଡ କରା ଯାଉଛି, ଯାହାସବୁ ଚାଷୀ ମାନଙ୍କ ଉପକାର ପାଇଁ ମଧ୍ୟ ମିଳି ପାରିବ ।